ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HTH(OD)/870/15-12-2020

# ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଉତ୍କର୍ଷ କେନ୍ଦ୍ର ହେଲା

ଭୁବନେଶ୍ୱର, ତା.୧୫/୧୨/୨୦୨୦

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଭାରତ ସରକାରଙ୍କ ଦ୍ୱାରା ଉତ୍କର୍ଷ କେନ୍ଦ୍ର ରୂପେ ସ୍ୱୀକୃତି ପାଇଛି । ଅଣବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରିବା କ୍ଷେତ୍ରରେ ସରକାରୀ ସ୍ତରରେ ଏହା ଦେଶର ପ୍ରଥମ ଅନୁଷ୍ଠାନ ।

୨୦୦୪ ମସିହାରେ ପ୍ରତିଷ୍ଠା ଲାଭ କରିଥିବା 'ସିଡାକ୍' ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ସଂସ୍ଥା ଯାହା ସୋସାଇଟି ରେଜିଷ୍ଟ୍ରେସନ୍ ଆଇନ ଦ୍ୱାରା ପଂଜୀକୃତ । ଓଡ଼ିଶାର ହସ୍ତଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାସଲ ପାଇଁ ଏହା ଏକ ସ୍ୱୟଂଶାସିତ ଅନୁଷ୍ଠାନ । ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଏହାର ପ୍ରଶାସନିକ ମୁଖ୍ୟ । ବିପଣନ ଚାହିଦା ଥିବା ହସ୍ତଶିଳ୍ପ ଉତ୍ପାଦ ରାଜ୍ୟରେ ତିଆରି କରିବା ପାଇଁ ଆବଶ୍ୟକ କୌଶଳ ଓ ଦକ୍ଷତା ଏହି ଅନୁଷ୍ଠାନ ଦ୍ୱାରା ପ୍ରଶିକ୍ଷଣ ମାଧ୍ୟମରେ ପ୍ରଦାନ କରାଯାଇଥାଏ । ହସ୍ତଶିଳ୍ପ ପାଠ୍ୟକ୍ରମ ପାଇଁ ଏହି ଅନୁଷ୍ଠାନ ଏକ ଗୁଣାତ୍ମକ ସିଲାବସ୍ ପ୍ରସ୍ତୁତ କରି ଦଶବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପ୍ରଶିକ୍ଷଣ ପ୍ରଦାନ କରିଆସୁଛି । ଉଚ୍ଚକୋଟୀର ହସ୍ତଶିଳ୍ପ ଓ ବୟନଶିଳ୍ପ ସଂଗ୍ରହାଳୟ 'କଳାଭୂମି' ସହ ସମନ୍ୱୟ ରକ୍ଷା କରି 'ସିଡାକ୍' ସାରା ଦେଶର ପାରମ୍ପରିକ ହସ୍ତଶିଳ୍ପ କୌଶଳ ଓ ଏ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଗବେଷଣା କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆକର୍ଷଣ ପାଲଟିଛି । ବିଭିନ୍ନ ସରକାରୀ ଅନୁଷ୍ଠାନ ପ୍ରଦତ୍ତ ଆର୍ଥିକ ସହାୟତା ବଳରେ ବିବିଧ କ୍ଲଷ୍ଟର ଓ ଅଞ୍ଚଳରେ ସଫଳତାର ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମାହିତ କରି ଏହି ଅନୁଷ୍ଠାନ ନିଜର କୃତିତ୍ୱ ପ୍ରଦର୍ଶନ କରିପାରିଛି ।

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଓ ଶାସନ ସଚିବ ତଥା 'ସିଡାକ୍'ର ଅଧକ୍ଷା ଶ୍ରୀମତୀ ଶୁଭା ଶର୍ମା ଉତ୍କର୍ଷ କେନ୍ଦ୍ର ସ୍ୱୀକୃତି ହାସଲ ପାଇଁ ନଭେମ୍ବର ୨୪, ୨୦୨୦ ରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସଚିବଙ୍କ ଅଧକ୍ଷତାରେ ଗଠିତ ସ୍ଥାୟୀ କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ । ଉତ୍କର୍ଷ କେନ୍ଦ୍ର ଭାବେ ଏହି ଅନୁଷ୍ଠାନକୁ ସ୍ୱୀକୃତି ଦେବାବେଳେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଲକ୍ଷ୍ୟ କରିଥିଲେ ଯେ, ଅନୌପଚାରିକ ଓ ଅଣପାରମ୍ପରିକ ଦକ୍ଷତା ଓ କୌଶଳ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ ପାଇଁ 'ସିଡାକ୍' ଭଳି ପ୍ରତିଷ୍ଠା ଲାଭ କରିଥିବା ଅନୁଷ୍ଠାନର ପ୍ରମୁଖ ଭୂମିକା ରହିଛି । ରାଜ୍ୟର ବିରଳ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ଓ ହସ୍ତକଳା ଟ୍ରେନିଂ ଅଭ୍ୟାସ ଓ ସଂରକ୍ଷଣ କ୍ଷେତ୍ରରେ 'ସିଡାକ୍'ର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

ଉତ୍କର୍ଷ କେନ୍ଦ୍ର ରୂପେ ସ୍ୱୀକୃତି, ଅନୁଷ୍ଠାନର କାର୍ଯ୍ୟାବଳୀର ପରିସରକୁ ଅଧିକ ବ୍ୟାପକ କରିବା ସହ ଦକ୍ଷତା ବିକାଶ ପରିମଣ୍ଡଳର ଅଶେଷ ହିତ ସାଧନ କରିବା ଦିଗରେ ଅଭିପ୍ରେତ । ଏହାଦ୍ୱାରା ଦେଶର ଅନୁରୂପ ଅନୁଷ୍ଠାନଗୁଡ଼ିକ ସହ ଉଚ୍ଚକୋଟିର ଓ ସର୍ବୋତ୍କୃଷ୍ଟ ପଦ୍ଧତି ସମ୍ବନ୍ଧରେ ମତବିନିମୟ ସମ୍ଭବ ହେବ ଓ ବିରଳ ହସ୍ତଶିଳ୍ପ ଓ ହସ୍ତକଳା ସଂରକ୍ଷଣ ସମ୍ବନ୍ଧରେ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକରୁ ପ୍ରେରଣା ମିଳିପାରିବ । 'ସିଡାକ୍' ଉତ୍କର୍ଷ କେନ୍ଦ୍ର ରୂପେ ମାନ୍ୟତା ଲାଭ କରିଥିବାରୁ ସଭ୍ୟସଚିବ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ କୈଳାଶ ଚନ୍ଦ୍ର ସାହୁ ଏଥି ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ